# ଛତୁଆ ପ୍ୟାକେଟରେ ପୋକ ସାଲୁବାଲୁ



**ବରଗଡ଼, ୨୯ ।୫(ସମିସ):** ସରକାରଙ୍କ ପୋଷଣ ଯୋଜନାରେ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଦିଆଯାଉଥିବା ଛତୁଆରେ ବାଲି ଓ ଗୋଡି ମିଶୁଛି। ବରଗଡ଼ ସହରରେ ନିମ୍ନମାନର ଛତୁଆ ପ୍ରସ୍ତୁତ କରି ବଣ୍ଟନ କରାଯାଉଥିବା ଭଳି ସଂଗୀନ ଅଭିଯୋଗ ଆସିଛି। ହାତରେ ନିମ୍ନମାନର ଛତୁଆ ଧରି ବରଗଡ଼ର ବିଭିନ୍ନ ପଡ଼ାର ଶହ ଶହ ମହିଳା ଓ ଯୁବତୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ଆଗରେ ଛତୁଆ ସହ ବିଭିନ୍ନ ଖାଦ୍ୟ ପ୍ୟାକେଟ ଖୋଲି ଦେଖାଇବା ସହ ଏହାର ବିରୋଧ କରିଛନ୍ତି। ସହରର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରେ ଯୋଗାଣ ହେଉଥିବା ଛତୁଆ ଅତ୍ୟନ୍ତ ନିମ୍ନମାନର ଓ ବଣ୍ଟନ କରାଯାଉଥିବା ମୁଢିରେ ବାଲି ମିଶ୍ରଣ କରି ବଣ୍ଟନ କରାଯାଉଛି। ଗର୍ଭବତୀ ମା ଓ ଶିଶୁଙ୍କ ପାଇଁ ଏଭଳି ଖାଦ୍ୟ ଯୋଗାଇ ଜୀବନ ସହ ଖେଳ ଖେଳୁଥିବା ସଂସ୍ଥା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସରକାର ପୋଷଣ ଯୋଜନାରେ ପ୍ରତ୍ୟେକ ବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏଭଳି ମହତ ଯୋଜନା କରୁଛନ୍ତି; କିନ୍ତୁ ଉତ୍ପାଦନକାରୀ ସଂସ୍ଥା ଛତୁଆ, ମୁଢ଼ି, ସୁଜି ଓ ଅନ୍ୟାନ୍ୟ ଖାଦ୍ୟରେ ଅପମିଶ୍ରଣ କରି ଏହାର ଗୁଣବତ୍ତାକୁ ଅତ୍ୟନ୍ତ ନିମ୍ନମାନର ପ୍ରସ୍ତୁତ କରୁଛନ୍ତି। ଏହାକୁ ଖାଇ ଶିଶୁମାନେ ଅସୁବିଧା ଅନୁଭବ କରିବା ସହ ପେଟ ଜନିତ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ଦେଖା ଦେଇଛି ବୋଲି ଅଭିଯୋଗ କରିଛନ୍ତି। ଏହା ଦ୍ୱାରା ସରକାରଙ୍କ ପୋଷଣ ଯୋଜନାର ଉଦ୍ଦେଶ୍ୟକୁ ବାଧାପ୍ରାପ୍ତ କରାଯାଉଛି ବୋଲି ମହିଳାମାନେ ଅସନ୍ତୋଷ ପ୍ରକାଶ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଛତୁଆ ନିର୍ମାଣ କାରି ସଂସ୍ଥା ଉପରେ ତୁରନ୍ତ ଆକ୍ସନ ନେବାକୁ ଦାବି କରିଛନ୍ତି। ଅନ୍ୟପଟେ ଏହାର ତଦନ୍ତ କରାଯିବ ଓ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି।

# ଟୋକନ ସମସ୍ୟା ନେଇ ଆମରଣ ଅନଶନ ଚେତାବନୀ

**ଝାରବନ୍ଧ, ୨୯ ।୫(ସମିସ)**



ଚଳିତ ରବି ଋତୁରେ ଧାନ ଟୋକନ କମ୍ ଆସିଥିବା ଓ ଅନେକ ଚାଷୀଙ୍କ ନିକଟକୁ ଟୋକନ ନ ଆସିବା ପ୍ରତିବାଦରେ ଡଭା ଆଞ୍ଚଳିକ କୃଷକ ସଂଗଠନ ପକ୍ଷରୁ ଆସନ୍ତା ୧ ତାରିଖ ଡଭା-ଝାରବନ୍ଧ ରାସ୍ତାରେ ଧାନ ପକାଇ ଆମରଣ ଅନଶନ କରାଯିବ। ଝାରବନ୍ଧ ତହସିଲଦାରଙ୍କୁ ଏ ନେଇ ଏକ ଦାବିପତ୍ରରେ ଚେତାବନୀ ଦିଆଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଝାରବନ୍ଧ ବ୍ଲକର ଡଭା, ଝାରବନ୍ଧ, ଲଉଡିଦରହା ଆଦି ସୋସାଇଟି ଅଞ୍ଚଳରେ ଅନେକ ଚାଷୀଙ୍କୁ ଚଳିତ ରବି ଋତୁରେ ନିର୍ଦ୍ଧାରିତ ପରିମାଣର ଧାନ ଟୋକନ ମିଳିନାହିଁ। ପୂର୍ବରୁ ୪୫ କିମ୍ବା ୬୫ କ୍ୱିଣ୍ଟାଲ ଟୋକନ ପାଉଥିବା ଚାଷୀଙ୍କୁ ଏବେ କାହାକୁ ୫, ୧୨, ୨୦ କିମ୍ବା ୪୦ କୁଇଣ୍ଟାଲ ଟୋକନ ମିଳିଥିବା ବେଳେ ପ୍ରାୟ ୧୦୦୦ରୁ ଅଧିକ ଚାଷୀଙ୍କ ଟୋକନ ଏ ପର୍ଯ୍ୟନ୍ତ ଆସି ନ ଥିବା ଅଭିଯୋଗ କରାଯାଇଛି। ସଂଗଠନର କହିବା ଅନୁସାରେ, ଝାରବନ୍ଧ ଅଞ୍ଚଳ ଛତିଶଗଡ଼ ସୀମାନ୍ତ ଅଞ୍ଚଳ ହୋଇଥିବା ବେଳେ ପ୍ରାୟ ପ୍ରତି ଦୁଇ ବର୍ଷରେ ମରୁଡ଼ି ପରିସ୍ଥିତି ଦେଖାଯାଉଛି। ଅଞ୍ଚଳରେ ବଡ ଜଳସେଚନ ପ୍ରକଳ୍ପ ନ ଥିବାରୁ ଚାଷୀ ନିଜସ୍ୱ ଉଦ୍ୟମରେ ଗଭୀର ନଳକୂପ କରି ଚାଷ କରୁଛନ୍ତି; କିନ୍ତୁ ଧାନ କ୍ରୟରେ ଟୋକନ ସମସ୍ୟା ଯୋଗୁଁ ଚାଷୀ ଆର୍ଥିକ ସଙ୍କଟରେ ପଡ଼ିଥିବା କୁହାଯାଇଛି। ଏହି ସମସ୍ୟା ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିବାରୁ ଆନ୍ଦୋଳନ ପଥ ବାଛିବାକୁ ପଡ଼ିଥିବା ସଂଗଠନ ପକ୍ଷରୁ କୁହାଯାଇଛି। କୃଷକ ସଂଗଠନ ତାଙ୍କ ଦାବିପତ୍ରରେ ୨୦୨୫ ମସିହାରେ ୬୫ କୁଇଣ୍ଟାଲ ଟୋକନ ପାଇଥିବା ଚାଷୀଙ୍କୁ ଚଳିତ ବର୍ଷ ମଧ୍ୟ ସମାନ ପରିମାଣର ଟୋକନ ଦେବା, ଯେଉଁ ଚାଷୀଙ୍କ ଟୋକନ ଆସିନାହିଁ ସେମାନଙ୍କୁ ତଦନ୍ତ କରି ତୁରନ୍ତ ଟୋକନ ପ୍ରଦାନ କରି ଧାନ କ୍ରୟ କରିବା ଓ ରେଭେନ୍ୟୁ ମିସ୍‌କେଶ ନମ୍ବର ୧୦।୨୦୨୨ର ବିଚାର ସରିଥିଲେ ମଧ୍ୟ ଚାଷୀମାନଙ୍କୁ ପଟ୍ଟା ନ ମିଳିବା ନେଇ ତୁରନ୍ତ କିସମ ପରିବର୍ତ୍ତନ କରି ପଟ୍ଟା ପ୍ରଦାନ କରିବା ଦାବି କରିଛନ୍ତି। ଏହାର ନକଲ ଜିଲ୍ଲାପାଳ, ଏସପି, ଡିଆରସିଏସ୍, ପଦ୍ମପୁର ଉପ-ଜିଲ୍ଲାପାଳ, ପଦ୍ମପୁର ଏସ୍‌ଡିପିଓ, ଝାରବନ୍ଧ ତହସିଲଦାର, ଝାରବନ୍ଧ ବିଡିଓ, ଝାରବନ୍ଧ ଥାନା ଅଧିକାରୀଙ୍କୁ ପଠାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଅଶୋକ ସାହୁ, ଅବଧୁତ ଜଗତ, ପ୍ରମୋଦ ରାୟ ଙ୍କ ସମେତ ସକ୍ରିୟ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ।

# ନର୍ସିଂ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ; ପ୍ରେମିକ ଗିରଫ

**ଦେବଗଡ଼, ୨୯।୫(ସମିସ):** ଜଣେ ନର୍ସିଂ ଛାତ୍ରୀଙ୍କୁ ଏକ ତରଫା ପ୍ରେମ କରି ବିଫଳ ହେବାପରେ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ପ୍ରେମିକ ଗତକାଲି ବଳପୂର୍ବକ ନିଜ ବାଇକରେ ଉଠାଇ ନେଇ ଦୁଷ୍କର୍ମ ଉଦ୍ୟମ କରିବା ସହ ହତ୍ୟା ଧମକ ଦେଇଥିବା ନେଇ ପୀଡିତା ଦେବଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରେମିକକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନାନୁଯାୟୀ, ଦେବଗଡ଼ ଥାନାଞ୍ଚଳର ଜଣେ ନର୍ସିଂ ଛାତ୍ରୀଙ୍କ ସହ ବାରକୋଟ ଥାନା କଲା ଗ୍ରାମର ଗିରିଧାରୀ କାରିଗରଙ୍କ ପୁଅ ମୁକେଶ କାରିଗର (୨୫) କୌଣସି ଠାରୁ ପୀଡିତା ଛାତ୍ରୀଙ୍କ ମୋବାଇଲ ଫୋନ ନମ୍ବର ହାସଲ କରି ପ୍ରେମ ନିବେଦନ କରିବା ସହ ବ୍ଲାକମେଲିଂ କରିଆସୁଥିଲା। ଗତକାଲି ଛାତ୍ରୀ ଜଣକ ନିଜ ଘରକୁ ଯିବାପାଇଁ ବସ୍ ଷ୍ଟାଣ୍ଡରେ ଛିଡା ହୋଇଥିବା ସମୟରେ ଅଭିଯୁକ୍ତ ପ୍ରେମିକ ମୁକେଶ ଯୁବତୀଙ୍କ ନିକଟକୁ ଆସି ଜିଦ କରି ନିଜ ବାଇକରେ ବସାଇ ବାରକୋଟ ସ୍ଥିତ ତାର ସାଙ୍ଗର କୋଠରୀକୁ ନେଇଯାଇଥିଲା। ସେଠାରେ ଅନ୍ୟ କେତେକ ଯୁବକଙ୍କ ଉପସ୍ଥିତିରେ ଶାରିରୀକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲା। ପରେ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲା। ଏଥିସହ ଅଭିଯୁକ୍ତ ଶାରୀରିକ ସମ୍ପର୍କ ନ ରଖିଲେ ତିନି ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲା। ଏପରିକି ପୀଡିତାଙ୍କ ପରିବାର ଲୋକଙ୍କୁ ତିନି ଲକ୍ଷ ଟଙ୍କା ନଦେଲେ ପୀଡ଼ିତାକୁ ଦୁଷ୍କର୍ମ ପରେ ହତ୍ୟା କରିବାକୁ ଧମକ ଦେଇଥିଲା। ପୀଡିତା ଯୁବତୀ ଜଣକ ସେଠାରୁ କୌଶଳ କ୍ରମେ ଖସି ଆସି ନିଜ ପରିବାର ଲୋକଙ୍କ ସହ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ମୁକେଶକୁ ଗିରଫ କରିଥିଲା।

# ପୋଖରୀ ପଙ୍କୋଦ୍ଧାର ମାଟି ଅନ୍ୟତ୍ର ବିକ୍ରିକୁ ଗ୍ରାମବାସୀଙ୍କ ବିରୋଧ

**କୁଚିଣ୍ଡା, ୨୯ ।୫(ସମିସ):** କୁଚିଣ୍ଡା ପଞ୍ଚାୟତ ସମିତି ପାରୁଆଭାଡି ପଞ୍ଚାୟତ ଅଧୀନସ୍ଥ ରାମ ତିଲେଇମାଲ ଗ୍ରାମର ଗାଧୁଆ କଟାର ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଚାଲିଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନରେ କୁଚିଣ୍ଡା ପଞ୍ଚାୟତ ସମିତି ତତ୍ତ୍ୱାବଧାନରେ ୫ଲକ୍ଷ ବ୍ୟୟ ଅଟକଳରେ ମାଟି ଉଠା କାର୍ଯ୍ୟକ୍ରମ ଚାଲିଛି। ଟ୍ରାକ୍ଟର ମାଧ୍ୟମରେ କଟାରୁ ମାଟି ଉଠାଇ ନେଇ ୨/୩ କିମି ଦୂରରେ ଥିବା ଖୁଡଖୁଡ଼ି ମୁଣ୍ଡା ପାଖରେ ଥିବା ଜଣେ ବ୍ୟକ୍ତିଙ୍କ ଜମିରେ ପକାଇ ଥିଲେ। ଏହା ଜଣାପଡ଼ିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ଟ୍ରାକ୍ଟରଗୁଡ଼ିକୁ ଅଟକ ରଖି କନିଷ୍ଠ ଯନ୍ତ୍ରୀ ଭବାନୀଶଙ୍କର ପ୍ରଗଣିଆଙ୍କୁ ଜଣାଇଥିଲେ। ପରେ ଜେଇ ଶ୍ରୀ ପ୍ରଗଣିଆ ମାଟି ଅନ୍ୟତ୍ର ନ ଦେବାକୁ ମନା କରିଥିଲେ। ସେବାଠାରୁ ମାଟି ନେବା କାମ ବନ୍ଦ କରିଛନ୍ତି। ଏପଟେ ଏହି ଗାଧୁଆ ପୋଖରୀ ପର୍ଯ୍ୟାୟ କ୍ରମେ ପ୍ରଥମେ ୧୦ଲକ୍ଷ ପରେ ପୁଣି ୫ଲକ୍ଷ ଓ ପଞ୍ଚାୟତରୁ ୧ଲକ୍ଷ ଏପରିକି ଆଜି ପର୍ଯ୍ୟନ୍ତ ୧୬ଲକ୍ଷ ଖର୍ଚ୍ଚ ହେଲାଣି, ହେଲେ କେବଳ ଉପରେ ଉପରେ ମାଟି ଖୋଳି ଠିକାଦାର ମାଲେମାଲ ହେବାରେ ଲାଗିଛି। ପ୍ରକୃତରେ ଯଦି ଉପଯୁକ୍ତ କାମ ହୁଅନ୍ତା, ତେବେ ପାଣି ପୋଖରୀ ସାରା ଭରି ଚାରିଆଡେ ନୀଳ ଜଳ ରାଶି ରେ ଗ୍ରାମବାସୀଙ୍କ ନିତ୍ୟ ବ୍ୟବହାର କାମରେ ଆସି ପାରନ୍ତା।



# ବୈତାଳି ସ୍କୁଲରୁ ମୋଟର ତାର ଚୋରି ଅଭିଯୋଗ

**ଝାରବନ୍ଧ, ୨୯ ।୫(ସମିସ):** ଝାରବନ୍ଧ ବ୍ଲକ ବୈତାଳି ସ୍କୁଲରୁ ମୋଟର ତାର ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସ୍କୁଲର ପ୍ରଧାନ ଶିକ୍ଷକ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ କିଛି ପ୍ଲାଷ୍ଟିକ ଜରି ଗୋଟାଳି ଗୋଷ୍ଠୀ ସ୍କୁଲ ପରିସରରୁ ମୋଟର ତାର ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି। ବୈତାଳି କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟ ସମେତ ବୈତାଳି ସ୍କୁଲରେ ସିସିଟିଭି କ୍ୟାମେରା ଲାଗିଥିବାରୁ ଚୋରି ସମୟର କିଛି ଦୃଶ୍ୟ ଭିଡିଓରେ କଏଦ ହୋଇଛି। ୪/୫ ଜଣଙ୍କୁ ଭିଡ଼ିଓରେ ଦେଖିବାକୁ ମିଳଏଛି। ସ୍ଥାନୀୟ ଅଞ୍ଚଳରେ ବିଗତ କିଛି ବର୍ଷ ପୂର୍ବେ ଏକ ପ୍ଲାଷ୍ଟିକ ଗୋଟାଳି ଗୋଷ୍ଠୀ ସୁନା ଓ ରୂପା ଚୋରି ଘଟଣାରେ ଜେଲ୍ ଯାଇଥିବା ନେଇ ମଧ୍ୟ ଚର୍ଚ୍ଚା ରହିଛି। ତେବେ ଘଟଣାକୁ ଗୁରୁତର ସହ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ସିସିଟିଭି ଭିଡିଓ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଚାଲିଛି।

# ୧୦ ମାସ ଧରି ବନ୍ଦ ପଡ଼ିଛି କାନାରା ବ୍ୟାଙ୍କ ଏଟିଏମ୍

**ବରଗଡ଼, ୨୯ । ୫(ସମିସ):** ସହରର ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଅବସ୍ଥିତ କାନାରା ବ୍ୟାଙ୍କ ଶାଖାର ଏଟିଏମ୍ ୧୦ ମାସ ଧରି ବନ୍ଦ ପଡ଼ିଥିବାରୁ ସାଧାରଣ ଗ୍ରାହକ ଓ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ଏକ ବ୍ୟସ୍ତ ଅଞ୍ଚଳ ଭାବେ ପରିଚିତ ଏହି ସ୍ଥାନରେ ପ୍ରତିଦିନ ହଜାର ହଜାର ଲୋକଙ୍କ ଯାତାୟାତ ହେଉଛି। ଏଟିଏମ୍ ସେବା ବନ୍ଦ ରହିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏଟିଏମ୍‌ଟି ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ପଡ଼ି ରହିଛି। ଏହାଫଳରେ ଟଙ୍କା ଉଠାଇବା ପାଇଁ ଗ୍ରାହକ ଅନ୍ୟ ଏଟିଏମ୍ ଖୋଜିବାକୁ ବାଧ୍ୟ ହେଉଛନ୍ତି। ବିଶେଷ କରି ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ, ବୃଦ୍ଧ ଓ ମହିଳା ଏଥିରେ ଅଧିକ ସମସ୍ୟା ଭୋଗୁଛନ୍ତି। ଗ୍ରାହକ ଅଭିଯୋଗ କରି କହିଛନ୍ତି ଯେ, ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଏନେଇ ଅନେକ ଥର ଜଣାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ଅଭିଯୋଗ କଲେ ବ୍ୟାଙ୍କ ପକ୍ଷରୁ ଗ୍ରାହକଙ୍କୁ ରୁକ୍ମିଣୀ ସିନେମା ନିକଟରେ ଥିବା ଅନ୍ୟ ଏକ ଏଟିଏମ୍‌କୁ ଯିବା ପାଇଁ କୁହାଯାଉଛି। ଏଥିପାଇଁ ଲୋକଙ୍କୁ ଅତିରିକ୍ତ ସମୟ ଓ ଯାତାୟାତ ଖର୍ଚ୍ଚ ବହନ କରିବାକୁ ପଡୁଛି। ସ୍ଥାନୀୟ ବ୍ୟବସାୟୀଙ୍କ କହିବା ଅନୁସାରେ, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ଅଞ୍ଚଳ ସହରର ଏକ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ହେବା ସହ ଏଠାରେ ସଦାସର୍ବଦା ଲୋକଙ୍କ ଭିଡ଼ ଲାଗି ରହିଥାଏ। ଏପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା ଏଟିଏମ୍ ଦୀର୍ଘଦିନ ଧରି ବନ୍ଦ ରହିବା ବ୍ୟାଙ୍କର ଅବହେଳାକୁ ସୂଚାଉଛି। ଏନେଇ ସାଧାରଣ ଲୋକ ଓ ଗ୍ରାହକମାନେ ଶୀଘ୍ର ଏଟିଏମ୍‌କୁ ସଚଳ କରିବା ସହ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ବ୍ୟାଙ୍କ ପ୍ରଶାସନଙ୍କୁ ଦାବି କରିଛନ୍ତି।

# ଆମ୍ବାଭୋନା ବ୍ଲକ୍‌ରେ ଶୀତଳଭଣ୍ଡାର ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ଦାବି

**ଆମ୍ବାଭୋନା, ୨୯ । ୫(ସମିସ):** ବରଗଡ଼ ଜିଲ୍ଲାର ଆମ୍ବାଭୋନା ବ୍ଲକ ପନିପରିବା ଚାଷରେ ଅଗ୍ରଣୀ ଅଞ୍ଚଳ ଭାବେ ପରିଚିତ ହୋଇଥିଲେ ମଧ୍ୟ ଫସଲ ସଂରକ୍ଷଣ ପାଇଁ ଏକ ଶୀତଳ ଭଣ୍ଡାର ନ ଥିବାରୁ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାଫଳରେ ସେମାନେ ବାଧ୍ୟ ହୋଇ ବେପାରୀ ଦଲାଲଙ୍କୁ କମ୍ ଦରରେ ପନିପରିବା ବିକ୍ରି କରୁଥିବା ଦେଖାଯାଉଛି। ଆମ୍ବାଭୋନା ବ୍ଲକରେ ବାଇଗଣ, ଟମାଟର, ଆଳୁ, ପିଆଜ, ପୋଟଳ, କଲରା ସହ ବିଭିନ୍ନ ପନିପରିବା ଚାଷ ବ୍ୟାପକ ଭାବେ ହେଉଛି। ଉଠାଜଳସେଚନ ଓ ବୋରୱେଲ୍ ମାଧ୍ୟମରେ ପ୍ରାୟ ୨ ହଜାର ହେକ୍ଟର ଜମିରେ ପନିପରିବା ଚାଷ କରାଯାଉଛି; କିନ୍ତୁ ଉତ୍ପାଦିତ ଫସଲ ସଂରକ୍ଷଣ ପାଇଁ ନିକଟରେ କୌଣସି ଶୀତଳ ଭଣ୍ଡାର କିମ୍ବା ପରିବା ମଣ୍ଡି ନ ଥିବାରୁ ଚାଷୀ ଅସୁବିଧାରେ ପଡୁଛନ୍ତି। ସମୟମତେ ବିକ୍ରି ହୋଇ ନ ଥିବାରୁ ପ୍ରାୟ ୨୫ ପ୍ରତିଶତ ପର୍ଯ୍ୟନ୍ତ ପନିପରିବା ପଚି ସଢ଼ି ନଷ୍ଟ ହୋଇଯାଉଛି। ଏହା ଫଳରେ ଚାଷୀଙ୍କ ଆର୍ଥିକ କ୍ଷତି ହେବା ସହ ପନିପରିବା ଚାଷ ପ୍ରତି ଉତ୍ସାହ ମଧ୍ୟ କମିଯାଉଛି। ଏହା ଫଳରେ ଧାନ ଚାଷ କରିବା ପାଇଁ ଚାଷୀ ମନ ବଳାଉଛି। ସ୍ଥାନୀୟ ଚାଷୀ ଓ ସାଧାରଣ ଲୋକଙ୍କ ପକ୍ଷରୁ ଆମ୍ବାଭୋନା ବ୍ଲକରେ ଏକ ବୃହତ ଶୀତଳ ଭଣ୍ଡାର ନିର୍ମାଣ କରାଯିବା ସହିତ ପରିବା ମଣ୍ଡି ସ୍ଥାପନ ପାଇଁ ସରକାରଙ୍କ ନିକଟରେ ଦାବି ଜୋର ଧରିଛି।

# ଝାରବନ୍ଧ ବ୍ଲକ୍ ଗସ୍ତରେ ଏସ୍‌ଡିସି ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଏ

**ଝାରବନ୍ଧ, ୨୯ ।୫(ସମିସ):** ବରଗଡ଼ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଏ ଆଜି ଝାରବନ୍ଧ ବ୍ଲକ ଗସ୍ତ କରିଛନ୍ତି। ଝାରବନ୍ଧ ବ୍ଲକର ହରଡ଼ାଟାଲ, ଡ଼ଭା, ଜାମପାଲି, ଅନୁଗୁଳର ଚରିପଡ଼ା ଗସ୍ତ କରିଥିଲେ। ଏହି ଅବସରରେ ସେ ଚାଷୀ ଏବଂ ଲୋକଙ୍କୁ ଭେଟି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ପ୍ରଥମେ ହରଡାଟାଲ ଗ୍ରାମରେ ଅନୁଷ୍ଠିତ ଷୋହଳ ପ୍ରହର ନାମଯଜ୍ଞରେ ଯୋଗ ଦେଇଥିଲେ। ଗ୍ରାମବାସୀଙ୍କ ସହ ଗ୍ରାମର ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ଗ୍ରାମବାସୀ ଲିଖିତ ଭାବେ ସେମାନଙ୍କ ସମସ୍ୟା ବିଷୟରେ ଜଣାଇଥିଲେ। ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଡଭା ଗ୍ରାମରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅଧ୍ୟକ୍ଷ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ସ୍ଥାନୀୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ସହ ଶ୍ରୀ ଭୋଏ ବଲାଙ୍ଗିର ଗ୍ରାମରେ ଅନୁଷ୍ଠିତ ଷୋହଳ ପ୍ରହର ନାମଯଜ୍ଞରେ ମଧ୍ୟ ଯୋଗଦେଇଥିଲେ। ପୂର୍ବତନ ମଣ୍ଡଳ ସଭାପତି ଚିନ୍ତାମଣି ରାଉତ, ବିଜେପି ଯୁବ ମୋର୍ଚ୍ଚା ସଭାପତି ସତ୍ୟଭୂଷଣ ସାହୁ, ବସନ୍ତ ସାହୁ, ଦୁଲଚନ୍ଦ୍ର ସାହୁ ପ୍ରମୁଖ ତାଙ୍କ ସହ ଯୋଗ ଦେଇଥିଲେ।

# ଦାମୋଦର ସବରକରଙ୍କ ଜୟନ୍ତୀ



**ପଦ୍ମପୁର, ୨୯ ।୫(ସମିସ):** ସ୍ଥାନୀୟ ଶିକ୍ଷକ ଭବନଠାରେ ଭାରତ ବିକାଶ ପଦ୍ମପୁର ଶାଖା ତରଫରୁ ବୀର ବିନାୟକ ଦାମୋଦର ସବରକରଙ୍କ ଜୟନ୍ତୀ ପାଳନ ହୋଇଛି। ଏହି ଅବସରରେ ଶାଖା ସମ୍ପାଦକ ଜୟଦେବ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ମନୋଜ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ପଦ୍ମପୁର ଶାଖାର ସଂସ୍କାର ସଚିବ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କମଳାକାନ୍ତ ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ପ୍ରାକ୍ତନ ଶିକ୍ଷକ ଟିକୁନୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମାନବ ଚାଲାଣ ରୋକିବା ପାଇଁ ସ୍ୱତନ୍ତ୍ର ବୈଠକ

**ପଦ୍ମପୁର, ୨୯ ।୫(ସମିସ):** ପଦ୍ମପୁର ଉପଖଣ୍ଡରେ ବନ୍ଧୁଆ ଶ୍ରମିକ ଓ ମାନବ ଚାଲାଣ ସମ୍ବନ୍ଧୀୟ ସମସ୍ୟା ଏବଂ ଏହାର ସମାଧାନ ଦିଗରେ ଆଲୋଚନା ପାଇଁ ଆଜି ଏକ ସ୍ୱତନ୍ତ୍ର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ପଦ୍ମପୁର ଉପ-ଜିଲ୍ଲାପାଳ ହେମସାଗର ଭୋଇ ଅଧ୍ୟକ୍ଷତା କରିଥିଲେ। ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲ୍ଲୁ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ବିକଳ୍ପ ଏନଜିଓ ଦ୍ୱାରା ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବନ୍ଧୁଆ ଶ୍ରମିକ ସମସ୍ୟା ଓ ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ବିଶେଷ ଭାବେ ଉଦ୍ଧାର ପ୍ରକ୍ରିୟା, ଉଦ୍ଧାରକାରୀ ଦଳର ଗଠନ ଏବଂ ଉଦ୍ଧାର ହୋଇଥିବା ବ୍ୟକ୍ତିବିଶେଷଙ୍କ ପୁନର୍ବାସ ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ପାଟଣାଗଡ଼ର ଉଦ୍ଧାର ହୋଇଥିବା ଜଣେ ଶ୍ରମିକ ନିଜ ସଂଘର୍ଷର କାହାଣୀ ସମସ୍ତଙ୍କ ସମ୍ମୁଖରେ ବର୍ଣ୍ଣନା କରିଥିଲେ। ଏହି ବୈଠକରେ ପଦ୍ମପୁର, ସୋହେଲା, ଝାରବନ୍ଧ ଓ ଗାଇସିଲେଟ ତହସିଲଦାର, ଉପଖଣ୍ଡ ଆରକ୍ଷୀ ଅଧିକାରୀ, ବିଭାଗର ବିଭିନ୍ନ ଅଧିକାରୀ ଯୋଗ ଦେଇଥିଲେ।



# ସର୍ଗିବାହାଲ ସିଏଚ୍‌ଓଙ୍କ ବିରୋଧରେ ଉପଜିଲ୍ଲାପାଳଙ୍କୁ ଫେରାଦ୍

**ପଦ୍ମପୁର, ୨୯ ।୫(ସମିସ)**



ପଦ୍ମପୁର ଉପଖଣ୍ଡ ଜମଲା ସିଏଚସି ଅଧୀନସ୍ଥ ସର୍ଗିବାହାଲ ଗ୍ରାମରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ରହିଛି। ଗ୍ରାମାଞ୍ଚଳରେ ସାଧାରଣ ଲୋକଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇବା, ରୋଗୀଙ୍କ ଚିକିତ୍ସା, ଗର୍ଭବତୀ ମହିଳାଙ୍କ ଯତ୍ନ, ଶିଶୁଙ୍କ ଟିକାକରଣ, ରକ୍ତଚାପ ଓ ମଧୁମେହ ଭଳି ରୋଗର ପରୀକ୍ଷା, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସହିତ ଗ୍ରୀଷ୍ମ ପ୍ରବାହ ସମୟରେ ଅଂଶୁଘାତ ରୋକିବା ପାଇଁ ସଚେତନ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କାମ ଏହି କେନ୍ଦ୍ର ମାଧ୍ୟମରେ କରାଯାଏ। ଏହି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ଲୋକଙ୍କୁ ସେବା ଯୋଗାଇବା ପାଇଁ ଜଣେ କମ୍ୟୁନିଟି ହେଲ୍ଥ ଅଫିସର (ସିଏଚଓ) ଓ ଜଣେ ଏଏନଏମ ନିୟୋଜିତ ହୋଇଛନ୍ତି। ସିଏଚଓଙ୍କ ମୁଖ୍ୟ କାର୍ଯ୍ୟହେଉଛି ପ୍ରତିଦିନ କେନ୍ଦ୍ର ଖୋଲି ରୋଗୀଙ୍କ ଚିକିତ୍ସା କରିବା, ଆବଶ୍ୟକ ଔଷଧ ବଣ୍ଟନ କରିବା, ଗ୍ରାମରେ ସ୍ୱାସ୍ଥ୍ୟ ସମସ୍ୟା ନଜରରେ ରଖିବା, ଗୁରୁତର ରୋଗୀଙ୍କୁ ଉଚ୍ଚତର ଚିକିତ୍ସା କେନ୍ଦ୍ରକୁ ପଠାଇବା ଓ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାକୁ ଠିକ ଭାବେ କାର୍ଯ୍ୟକରିତ କରିବା; କିନ୍ତୁ ସର୍ଗିବାହାଲ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ଏହି ସେବା ଠିକ ଭାବେ ମିଳୁ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ପ୍ରଚଣ୍ଡ ଖରା ଓ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଲୋକମାନେ ବହୁ କଷ୍ଟରେ ଜୀବନ ଯାପନ କରୁଛନ୍ତି। ଅଂଶୁଘାତ, ଜ୍ୱର, ଡିହାଇଡ୍ରେସନ ବଢ଼ିବାର ଆଶଙ୍କା ରହିଥିବା ବେଳେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟକେନ୍ଦ୍ର ସକ୍ରିୟ ରହିବା ଅତ୍ୟନ୍ତ ଆବଶ୍ୟକ; ହେଲେ ସର୍ଗିବାହାଲ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ନିୟୋଜିତ ସିଏଚଓ ସୁରଙ୍ଗିନୀ ସୁନା ଦୀର୍ଘଦିନ ଧରି କାର୍ଯ୍ୟରେ ଅବହେଳା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ସିଏଚଓ ନିୟମିତ ଭାବେ କେନ୍ଦ୍ରକୁ ଆସୁ ନ ଥିବା ବେଳେ ତାଙ୍କ ବଦଳରେ ତାଙ୍କ ସ୍ୱାମୀ କେନ୍ଦ୍ରକୁ କାଁ ଭାଁ ଖୋଲୁଥିବା ମଧ୍ୟ ଅଭିଯୋଗ ହେଉଛି। ଫଳରେ ସାଧାରଣ ଲୋକମାନେ ଚିକିତ୍ସା ପାଇଁ ଜମଲା ସିଏଚସି କିମ୍ବା ପଦ୍ମପୁର ଡାକ୍ତରଖାନାକୁ ଯିବାକୁ ବାଧ୍ୟ ହେଉଛନ୍ତି। ଦୂର ଅଞ୍ଚଳର ଗରିବ ଲୋକଙ୍କ ପାଇଁ ଏହା ବଡ ସମସ୍ୟା ସୃଷ୍ଟି କରୁଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ଏହି ଘଟଣା ସମ୍ପର୍କରେ ଗ୍ରାମବାସୀ ଜମଲା ସିଏଚସିର ବିପିଏମଙ୍କୁ ଜଣାଇଥିବା ବେଳେ ସିଏଚଓ ନିୟମିତ ଡ୍ୟୁଟିରେ ଯୋଗ ଦେଉଥିବା ରିପୋର୍ଟ ଦେଉଥିବା ସେ କହିଥିବା ଜଣାପଡ଼ିଛି। ତେବେ ଗ୍ରାମବାସୀ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ସିଏଚଓଙ୍କ କାର୍ଯ୍ୟରେ ଅବହେଳା, ଲୋକଙ୍କୁ ଠିକ ଭାବରେ ସ୍ୱାସ୍ଥ୍ୟସେବା ନ ମିଳିବା ଓ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ନିୟମିତ ଭାବେ ଚାଲୁ ନ ରହିବା ଅଭିଯୋଗ ନେଇ ସର୍ଗିବାହାଲ ଗ୍ରାମବାସୀ ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ଠିକ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବା ସହ ଅଞ୍ଚଳବାସୀଙ୍କୁ ନିୟମିତ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଦାବି କରିଛନ୍ତି।

# ଖରମୁଣ୍ଡା ସମବାୟ ସମିତିରେ ତାଲା ପକାଇଦେଲେ ଚାଷୀ



**ବିଜେପୁର, ୨୯ ।୫ (ସମିସ):** ତେଜୁଛି ଟୋକନ ଆଶାନ୍ତି। ବୃଦ୍ଧି ପାଉଛି ଜନ ଅସନ୍ତୋଷ। ଏହାର ପ୍ରତିଫଳନ ଦେଖିବାକୁ ମିଳିଛି ବିଜେପୁର ବ୍ଲକରେ। ଡ଼ୁଁଗା ଓ ସାଇପାଲିରେ ବ୍ଲକରେ ତାଲା ଦେବାର ଦୁଇ ସପ୍ତାହ ଅତିକ୍ରାନ୍ତ ହୋଇଥିବା ବେଳେ ଟୋକନ ଅସନ୍ତୋଷ ପ୍ରତିବାଦରେ ଖରମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତିରେ ଶୁକ୍ରବାର ଚାଷୀ ତାଲା ଦେଇଛନ୍ତି। ସକାଳେ ତାଲା ଦେବା ପରେ ମହିଳା ଚାଷୀମାନଙ୍କ ଦ୍ୱାରା ଆନ୍ଦୋଳନ ଜାରି ରହିଥିଲା। ବହୁ ଦୁଃଖ କଷ୍ଟରେ ଚାଷୀ ଧାନ ଚାଷ କରିଥିଲେ ସୁଦ୍ଧା ତାଙ୍କର ଏହି ଖରିଫ ଋତୁରେ ଧାନ କାର୍ଡ ଆସିନାହିଁ। ଶହ ଶହ କୁଇଣ୍ଟାଲ୍ ଧାନ ଅମଳ ହୋଇଥିଲେ ମଧ୍ୟ କାର୍ଡ ଆସି ନ ଥିବାରୁ ଏ ଅଞ୍ଚଳର ବହୁ ଚାଷୀ ଆଜି ଖରମୁଣ୍ଡା ସମବାୟ ସମିତିରେ ଆନ୍ଦୋଳନ କରିବା ସହିତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ସମସ୍ତ ଚାଷୀଙ୍କ ଧାନ କାର୍ଡ ଅସିବା ପରେ ଯାଇ ତାଲା ଖୋଲିବା ସହ ଧାନ ସଂଗ୍ରହ ପାଇଁ ସହଯୋଗ କରିବେ ବୋଲି ଆନ୍ଦୋଳନରତ ମହିଳାମାନେ ଜଣାଇଛନ୍ତି। ଯଦି ସରକାର ତାଙ୍କର ଏହି ଦାବିକୁ ଶୁଣିବେ ନାହିଁ ଆନ୍ଦୋଳନ ତୀବ୍ର କରାଯିବ ବୋଲି କହିଛନ୍ତି। ଏପଟେ ଧାନ କାର୍ଡ ଆସିଥିବା ଚାଷୀମାନେ ମଧ୍ୟ ଆନ୍ଦୋଳନ ଯୋଗୁଁ ନିଜର ଧାନ ବିକ୍ରି କରିପାରିନାହାନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି।

